# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 March - 2026

*********************************

## ମୁଖ୍ୟ ସମ୍ବାଦ

- ସମୟୋଚିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅଦାଲତ ସହିତ ଆଇନଜୀବୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ; କହିଲେ ପ୍ରଧାନ ବିଚାରପତି
- ଜରାୟୁ କର୍କଟର ପ୍ରତିରୋଧ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ କିଶୋରୀମାନଙ୍କ ନିମନ୍ତେ ଆରମ୍ଭ ହେଲା ଏଚପିଭି ଟିକାକରଣ ଅଭିଯାନ
- ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ନେଇ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ଏବଂ

- ଏକ ସ୍ଥିର ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶଗତ ବିପଦ ପରିଚାଳନାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ନାଗରିକ ସୁରକ୍ଷା ଦିବସ'

## ସିଜେଆଇ-ଏପି

ନ୍ୟାୟପାଳିକାଙ୍କ ପ୍ରତି ଦେଶର ଲୋକମାନଙ୍କର ବିଶ୍ୱାସ ଏବଂ ସମ୍ମାନ ନିରନ୍ତର ବୃଦ୍ଧି ପାଉଛି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି । ଆନ୍ଧ୍ରପ୍ରଦେଶର ତିରୁପତିଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ସମୟୋଚିତ ନ୍ୟାୟ ପ୍ରଦାନର ଆବଶ୍ୟକତା ରହିଛି । ନ୍ୟାୟପ୍ରଦାନ ଦିଗରେ ଅଦାଲତ ସମେତ ଆଇନ୍‌ଜୀବୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଖଣ୍ଡପୀଠ ଏବଂ ବାର୍ ଗୋଟିଏ ଅନୁଷ୍ଠାନର ଦୁଇ ହାତ ବୋଲି ବର୍ଣ୍ଣନା କରି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଆଇନ୍‌ଜୀବୀଙ୍କ ସହଯୋଗ ଏବଂ ଦକ୍ଷ ପରିଚାଳନା ବିଚାରବିଭାଗକୁ ଯୁକ୍ତିଯୁକ୍ତ ଏବଂ ସ୍ପଷ୍ଟ ନିଷ୍ପତ୍ତି ପ୍ରଦାନ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ନ୍ୟାୟ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଦୃଢ଼ ହୋଇଥାଏ । ନ୍ୟାୟଭିକ୍ଷା ପାଇଁ କୋର୍ଟକୁ ଆସୁଥିବା ଜଣେ ବ୍ୟକ୍ତି ନିଜକୁ ନିରାପଦ ଅନୁଭବ କରିବା ସହିତ ସମସ୍ୟାର ସମାଧାନ ଦିଗରେ ନିଶ୍ଚିତ ହେବା ଉଚିତ୍ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ।

## ଏଚ୍‌ପିଭି-ଟିକାକରଣ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ହ୍ୟୁମାନ୍ ପାପିଲୋମା ଭାଇରସ-ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏଚ୍‌ପିଭି ଟିକାକରଣ କନ୍ୟାମାନଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶୁଣନ୍ତୁ ଏହି ସମ୍ପର୍କରେ ଆଂଚଳିକ ସମ୍ବାଦ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟ.....

ହ୍ୟୁମାନ୍ ପାପିଲୋମା ଭାଇରସ ଟିକାକରଣ ଅଭିଯାନ ଅନ୍ତର୍ଗତ ରାଜ୍ୟର ୧୪ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ୩ ଲକ୍ଷ ୩୬ ହଜାର କିଶୋରୀଙ୍କ ଟୀକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଧାର୍ଯ୍ୟ କରାଯାଇଛି। ଏହି ଟୀକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ।

**ପୁରୀ** ପିପିଲି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି।

**ରାୟଗଡ଼ା** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଚ୍‌ପିଭି ନିରାକରଣ ପାଇଁ ଟିକାକରଣ କାର୍ଯ୍ୟକ୍ରମକୁ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା ଶୁଭାରମ୍ଭ କରିଛନ୍ତି। ଜିଲ୍ଲାରେ ଏହି ଅଭିଯାନରେ ୭ ହଜାର ୫୮୭ କିଶୋରୀଙ୍କୁ ଟିକାକରଣ କରାଯିବ। କାର୍ଯ୍ୟକ୍ରମରେ ବିଧାୟକ ଆପାଳାସ୍ୱାମୀ କାଡ୍‌ରାକା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜିନୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

**ଭଦ୍ରକ** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମକୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଶୁଭାରମ୍ଭ କରିଛନ୍ତି ।

୧୪ ବର୍ଷ ପର୍ଯ୍ୟନ୍ତ କିଶୋରୀମାନଙ୍କୁ ଏହି ଯୋଜନାରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଶୁଳ୍କ ଟିକାକରଣ କରାଯିବ । ଜିଲ୍ଲାରେ ୧୨ ହଜାରରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ଟିକା ପ୍ରଦାନ କରାଯିବ ବୋଲି ଜଣାପଡିଛି ।

**ମାଲକାନ୍‌ଗିରି** ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମକୁ ବିଧାୟକ ନରସିଂହ ମାଡକାମୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରତ୍ୟେକ ବୁଧବାର ଦିନ ସଦର ମହକୁମା ବ୍ୟତୀତ ଅନ୍ୟ ୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଧାର୍ଯ୍ୟ ସମୟ ମଧ୍ୟରେ କିଶୋରୀମାନଙ୍କୁ ଟିକାକରଣ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି ।

**ନବରଙ୍ଗପୁର** ଜିଲ୍ଲାରେ ୧୨ ହଜାର ୩୭୫ ଜଣ କିଶୋରୀଙ୍କୁ ଏଚ୍‌ପିଭି ଟିକା ପ୍ରଦାନ କରାଯିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାର ୧୮ଟି ପ୍ରାଥମିକ ଓ ୧୦ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ କରାଯିବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ମଳୟ ତ୍ରିପାଠୀ କହିଛନ୍ତି ।  ଆଜିଠାରୁ ଆରମ୍ଭ ହୋଇଥିବା ଟିକାକରଣ ଅଭିଯାନରେ ବିଧାୟକ ଗୌରୀଶଙ୍କର ମାଝୀ ଓ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ପୁସ୍ତକ ମେଳା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତିବର୍ଷ ରାଜଧାନୀରେ ଆୟୋଜିତ ହେଉଥିବା ପୁସ୍ତକମେଳା ଏଣିକି ପ୍ରତ୍ୟେକ ଜିଲ୍ଲାରେ ହେବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ପୁସ୍ତକମେଳା ବାବଦକୁ ପୂର୍ବରୁ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଉଥିଲା। ଚଳିତ ବଜେଟ୍‌ରେ ଏହାକୁ ୨୪ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ହେବାକୁ ଥିବା ପୁସ୍ତକମେଳା ନିମନ୍ତେ ପ୍ରତି ଜିଲ୍ଲାକୁ ୫୦ ଲକ୍ଷ ଟଙ୍କା ଅନୁଦାନ ରାଶି ଯୋଗାଇ ଦିଆଯିବ।

## ଖଡ଼ିଛୁଆଁ ଉତ୍ସବ

ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ୨୦୨୬-୨୭ ଶିକ୍ଷାବର୍ଷପାଇଁ ନାମଲେଖା ପ୍ରକ୍ରିୟା ଆସନ୍ତା ଏପ୍ରିଲ୍ ମାସରୁ ଆରମ୍ଭ ହେବ । ଏପ୍ରିଲ୍ ମାସ ୨ରୁ ୫ ତାରିଖ ପର୍ଯ୍ୟନ୍ତ ସବୁ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ - ଓସେପା ପକ୍ଷରୁ ଏଥିପାଇଁ ସବୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି ।

## ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଆସନ୍ତାକାଲି ଗଜପତି ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ବୈଠକରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତିର ସମୟ ଧାର୍ଯ୍ୟ ଓ ଗୁଣ୍ଡିଚା ମନ୍ଦିର ଖୋଲିବା

ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ସେବାୟତ ପିଲାଙ୍କପାଇଁ ଆଦର୍ଶ ଗୁରୁକୁଳ ପ୍ରତିଷ୍ଠା, ମହାପ୍ରଭୁଙ୍କ ନୂତନ ରତ୍ନପଲଙ୍କର ବ୍ୟବହାର, ଶ୍ରୀମନ୍ଦିର ଭିତରେ ଉଭୟ ପୋଲିସ୍ ଓ ସେବାୟତମାନଙ୍କ ମୋବାଇଲ୍ ଫୋନ ବ୍ୟବହାର ନିଷେଧ, ନାଟ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ଆଲୋଚନା କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଅଗ୍ନିବୀର

**ଗଞ୍ଜାମ** ଜିଲ୍ଲା ଗୋପାଳପୁର ସେନା ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ୨୦୨୬-୨୭ ବର୍ଷ ପାଇଁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଏପ୍ରିଲ ମାସ ଏକ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ସେନାର ଅଧିକାରୀଙ୍କ ୱେବ୍‌ସାଇଟ୍ www.joinindianarmy.nic.in ମାଧ୍ୟମରେ ଆବେଦନକାରୀ ୨୫୦ ଟଙ୍କା ଶୁଳ୍କ ଦେଇ ଆବେଦନ କରିପାରିବେ। ପ୍ରାର୍ଥୀମାନଙ୍କୁ ପ୍ରଥମେ ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ହେବ। ପଞ୍ଜୀକରଣ ଏବଂ ଆବେଦନ ପ୍ରକ୍ରିୟା ସମ୍ପର୍କିତ ସମସ୍ତ ବିବରଣୀ ୱେବ୍‌ସାଇଟ୍ ମାଧ୍ୟମରେ ଜାଣିପାରିବେ।

## ଦିସା ସଭା

**ନୂଆପଡା** ଜିଲ୍ଲା ସଦ୍‌ଭାବନା ସଭାଗୃହରେ ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ସଭା-ଦିସା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ

କାର୍ଯ୍ୟର ସାଂସଦ ସମୀକ୍ଷା କରିଥିଲେ। ବାସଗୃହ, ବିଦ୍ୟୁତ୍, ପାନୀୟ ଜଳ, ସଡକ, ଶ୍ରମ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ମିଶନ, କୃଷି, ଶିଳ୍ପ, ଖାଦ୍ୟଯୋଗାଣ ଆଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଖଡିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ ତାଙ୍କ ବିଧାନସଭା କ୍ଷେତ୍ରର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ରରେ ପାନୀୟ ଜଳ ଯୋଗାଣ ଓ ଶୌଚାଳୟ ନିର୍ମାଣକୁ ପ୍ରାଥମିକତା ଦିଆଯାଉଛି। ଜିଲ୍ଲାରେ ପ୍ରଥମଥର ପାଇଁ ବିଧବା ମହିଳାମାନଙ୍କ ସ୍ୱତନ୍ତ୍ର ଡାଟାବେଶ୍ ପ୍ରସ୍ତୁତ କରାଯାଇ ସରକାରୀ ସହାୟତା ଯୋଗାଇ ଦିଆଯାଉଛି ବୋଲି ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି।

## ନାଗରିକ ସୁରକ୍ଷା ଦିବସ

ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ କିମ୍ବା କୌଣସି ଆପାତକାଳୀନ ସମୟରେ ନାଗରିକଙ୍କ ସୁରକ୍ଷାର ମହତ୍ତ୍ୱ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ 'ବିଶ୍ୱ ନାଗରିକ ସୁରକ୍ଷା ଦିବସ' ଆଜି ପାଳନ କରାଯାଉଛି। ୧୯୯୦ ମସିହାରେ ଆନ୍ତଃ ରାଷ୍ଟ୍ରୀୟ ସୁରକ୍ଷା ସଂଗଠନ ଦ୍ୱାରା ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଏକ ସ୍ଥିର ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶଗତ ବିପଦ ପରିଚାଳନା'। ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ଏବଂ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ।

## ହୋଲି

କଟକ ସହରରେ ରଙ୍ଗର ପର୍ବ ହୋଲି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବା ନେଇ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅସାମାଜିକ ଯୁବକମାନଙ୍କ ନକାରାତ୍ମକ କାର୍ଯ୍ୟକଳାପ ଏବଂ ଗଣ୍ଡଗୋଳକୁ ଆଖିଆଗରେ ରଖି ପୁଲିସ୍ ପକ୍ଷରୁ ୧୭ ପ୍ଲାଟୁନ୍ ଫୋର୍ସ୍ ମୁତୟନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ସହରକୁ ୬ଟି ସେକ୍ଟରରେ ବିଭକ୍ତ କରାଯାଇ  ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରାଯିବ । ଏଥିନିମନ୍ତେ ୧୧୨ଟି ପିସିଆର ଗାଡି ସହରର ଗଳିକନ୍ଦିରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ ।

## ଶୂନ୍ୟ ଭେଦଭାବ ଦିବସ

ସମାବେଶୀ ଓ ନ୍ୟାୟସଙ୍ଗତ ସମାଜ ଗଠନ ଲକ୍ଷ୍ୟ ନେଇ ଆଜି ବିଶ୍ୱରେ 'ଶୂନ୍ୟ ଭେଦଭାବ ଦିବସ' ପାଳନ କରାଯାଉଛି ।  ସମାଜରେ ରହିଥିବା ସମସ୍ତ ପ୍ରକାରର ଭେଦଭାବ- ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷା, ନିର୍ବିଶେଷରେ ସମାନତା, ମାନବାଧିକାର ଓ ସମ୍ମାନର ମୂଲ୍ୟବୋଧକୁ ଶକ୍ତିଶାଳୀ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ୨୦୧୪ ମସିହାରେ ଜାତିସଂଘ ପକ୍ଷରୁ ଏହି ଦିବସର ଆୟୋଜନ କରାଯାଇଥିଲା । ପ୍ରତ୍ୟେକ ମଣିଷ ସମାନ ଅଧିକାରୀ ଓ ସମ୍ମାନର ଅଧିକାରୀ ବୋଲି  ଆଜିର ଦିନ ସ୍ମରଣ କରାଇଥାଏ । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି- 'ସମାନ ଅଧିକାର, ସୁଯୋଗ ଓ ସମାବେଶୀ ସମାଜ' । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଅନ୍ତର୍ଭୁକ୍ତିମୂଳକ ସମାଜ ଗଠନ କରିବା ସରକାରଙ୍କ ମୂଳ ଲକ୍ଷ୍ୟ। ମିଳିତଭାବେ ଏକ ଭେଦଭାବମୁକ୍ତ ଏବଂ ସହାନୁଭୂତିପୂର୍ଣ୍ଣ ଓଡ଼ିଶା ଗଠନ ପାଇଁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

## ଓଡ଼ିଆ ପକ୍ଷ

ରାଜ୍ୟରେ ଆସନ୍ତାମାସ ଏକ ତାରିଖ ଓଡ଼ିଶା ଦିବସଠାରୁ ଓଡ଼ିଆ ନବବର୍ଷ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଭାଷା ପକ୍ଷ ୨୦୨୬ ପାଳନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ।

## ଦକ୍ଷତା ମହାକୁମ୍ଭ

ଭୁବନେଶ୍ୱର ଦକ୍ଷତା ବିକାଶ ପରିସରରେ ଦକ୍ଷତା ମହାକୁମ୍ଭ ଜାରି ରହିଛି। ସ୍କିଲ ଅଲିମ୍ପିକ୍ ଭାବେ ବିବେଚିତ ଓ୍ୱାର୍ଲ୍ଡ ସ୍କିଲ ପ୍ରତିଯୋଗିତା ପାଇଁ ପୂର୍ବ ଭାରତର ଯୁବବର୍ଗ ଓଡ଼ିଶାରେ ନିଜର ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ଚଳିତଥର ଏହି ପ୍ରତିଯୋଗିତାରେ ୫ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳରୁ ୨୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଥ୍ରୀଡି, ଡିଜିଟାଲ ଗେମ୍ ଆର୍ଟ, କ୍ଲାଉଡ କମ୍ପ୍ୟୁଟିଂ, ସାଇବର ସୁରକ୍ଷା, ବିଉଟି ଥେରାପି, ପ୍ଲମ୍ବିଂ ଓ ନବୀକରଣ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗୀମାନେ ପ୍ରଯୁକ୍ତି କୌଶଳ ପ୍ରଦର୍ଶନ କରିବେ। ପ୍ରତିଯୋଗିତା ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଗୌହାଟୀ, ଗାନ୍ଧିନଗର, ହାଇଦ୍ରାବାଦରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।